ରାମା ରାଭାଲୁ ଗାଭାଡେ

ବନାମ

ଉତ୍ତରାଧିକାରୀମାନଙ୍କ ମାଧ୍ୟମରେ

ସତାବା ଗାଭଡୁ ଗାଭାଡେ (ମୃତ) ଏବଂ ଅନ୍ୟଜଣେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ପରିସୀମା :*

*ଅପିଲ–ଆଇନଗତ ପ୍ରତିନିଧିମାନଙ୍କୁ ନଥିଭୁକ୍ତ କରିବା ପାଇଁ ଅପିଲ–ସମୟ ସୀମାବଦ୍ଧ ହେତୁ ଖାରଜ କରାଯାଇଛି –ଏହି ସମୟରେ ଅପିଲ ପ୍ରତ୍ୟାହାର ହୋଇଗଲା–ଦର୍ଶାଯାଇଛି, ନିମ୍ନ ନ୍ୟାୟାଳୟଗୁଡ଼ିକ ବିଳମ୍ବକୁ କ୍ଷମା କରିବାକୁ ମନା କରିବା ଠିକ ନଥିଲେ–ଉପଯୁକ୍ତ ଆଇନଗତ ପରାମର୍ଶ ଅଭାବରୁ ବିଳମ୍ବ ହୋଇଛି–ବିଳମ୍ବକୁ କ୍ଷମା କରାଗଲା–ପ୍ରତ୍ୟାହାରକୁ ରଦ୍ଦ କରିଦିଆଯାଇଛି–ଯୋଗ୍ୟତା ଆଧାରରେ ଅପିଲର ନିଷ୍ପତ୍ତି ନିଆଯିବ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15085/1996 ।

ସି.ଆର୍.ଏ. ସଂଖ୍ୟା 632/1991 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 8.12.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ.ଏସ୍.ଭାସ୍କେ ।

ଉତ୍ତରଦାତାମାନଙ୍କ ପାଇଁ ଭି.ବି.ଯୋଶୀ, ଆଲୋକ ସିଂହ ଏବଂ ଉମେଶ ଭାଗବତ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷଙ୍କର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଡିସେମ୍ବର 8,1994 ତାରିଖରେ ଦେୱାନୀ ପୁନରୀକ୍ଷଣ  ସଂଖ୍ୟା 632/91 କୁ ଖାରଜ କରିଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଆବେଦନକାରୀଙ୍କ ମାମୁଁ ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ଚାନ୍ଦଗଡ଼ଙ୍କର ନ୍ୟାୟାଳୟରେ ନିୟମିତ ଦେୱାନୀ ମକଦ୍ଦମା ସଂଖ୍ୟା 51/65 ବିଚାରାଧୀନ ଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଯେହେତୁ ଅପିଲ ବିଚାରାଧୀନ ଅବସ୍ଥାରେ ସେ ମୃତ୍ୟୁବରଣ କରିଥିଲେ, ଏହା ଅଗଷ୍ଟ 4,1967 ତାରିଖରେ ପ୍ରତ୍ୟାହାର ବୋଲି ଖାରଜ ହୋଇଥିଲା । ଦେୱାନୀ ପୁନରୀକ୍ଷଣ ସଂଖ୍ୟା 632/91, 1994 ମସିହା ଡିସେମ୍ବର 8, ତାରିଖର ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଥିଲେ । ଆଇନଗତ ପ୍ରତିନିଧିମାନଙ୍କୁ ନଥିଭୁକ୍ତ କରିବା ପାଇଁ ଆବେଦନ

ଦାଖଲ କରାଯାଇଥିଲା, ଯାହା ବିଳମ୍ବକୁ କ୍ଷମା କରିବା ପାଇଁ କୌଣସି ଉପଯୁକ୍ତ ସଷ୍ଟୀକରଣ ଦିଆଯାଇ ନ ଥିବାରୁ ଏହାକୁ ମଧ୍ୟ ଖାରଜ କରାଯାଇଥିଲା । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଅପିଲକାରୀ ଜଣେ ଅଶିକ୍ଷିତ କୃଷକ ହୋଇଥିବାରୁ, ଅପିଲକାରୀଙ୍କ ଅଧିବକ୍ତାଙ୍କ ଦ୍ୱାରା ଉପଯୁକ୍ତ ପରାମର୍ଶ କ୍ରମେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଥିଲା । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଅଧିବକ୍ତା ଅପିଲକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସଠିକ ଭାବରେ ପରାମର୍ଶ ଦେଇନଥିବାରୁ ବିଳମ୍ବ ହୋଇଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ବିଳମ୍ବକୁ କ୍ଷମା କରିବାକୁ ମନା କରିବା ଠିକ ନଥିଲା । ଏହା ଆମ ଧ୍ୟାନକୁ ଅଣାଯାଇଛି ଯେ, ପ୍ରତ୍ୟାହାରକୁ ରଦ୍ଦ କରିବା ପାଇଁ କୌଣସି ଆବେଦନ ଦାଖଲ କରାଯାଇ ନାହିଁ ଏବଂ ଅପିଲକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି । ଏହି ତଥ୍ୟକୁ ଧ୍ୟାନରେ ରଖି ଯେ, ଏହି ବିଳମ୍ବକୁ ପ୍ରତ୍ୟାହାର କରି ଛାଡ଼କୁ କ୍ଷମା କରିଦିଆଯାଇଛି, ଏହା ମଧ୍ୟ ରଦ୍ଦ କରାଯାଇଛି ।

ତଦନୁସାରେ, ଅପିଲକୁ ଅନୁମତି ଦିଆଗଲା । ଅପିଲ ନ୍ୟାୟାଳୟଙ୍କୁ ଆଦେଶ ପ୍ରାପ୍ତିର ତାରିଖଠାରୁ ଛଅ ମାସ ଅବଧି ମଧ୍ୟରେ ଯୋଗ୍ୟତା ଆଧାରରେ ଅପିଲର ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**

ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ